# NEWS & MEDIA COVERAGE

## ଦେଶର ବିକାଶ ପାଇଁ ମହିଳା ସଚେତନତା ଜରୁରୀ:ରାଜ୍ୟପାଳ

ଜୟପୁର/କୋରାପୁଟ/ସୁନାବେଡା/ସେମିଳିଗୁଡା/ବୋରିଗୁମା,୨୧।୧୨ (ପବନ ପାଣିଗ୍ରାହୀ/ଅନିଲ ବେହେରା/ରବିନ୍ଦ୍ର ପ୍ରଧାନ/ବାସୁଦେବ ଗୌଡ/ବିଜୟ ସାହୁ)

ମହିଳା ସଶକ୍ତୀକରଣ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ। ପ୍ରଥମେ ମହିଳା ସଚେତନତା ହେବା ଜରୁରୀ। ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଛନ୍ତି ରାଜ୍ୟପାଳ ରଘୁବର ଦାସ। ରାଜ୍ୟପାଳ ହେବାପରେ ତାଙ୍କର ପ୍ରଥମ ଗସ୍ତ ମାଲକାନଗିରି ଜିଲ୍ଲା ବୁଧବାର ଶେଷ କରିବା ପରେ ଗୁରୁବାର କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଗସ୍ତ କରିଥିଲେ। ଜୟପୁର ବ୍ଲକ ଗାଡାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେ ସ୍ଥିତି ଅନୁଧ୍ୟାନ କରିବା ସହ କର୍ମଚାରୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।



ଜୟପୁରରେ ରାଜ୍ୟପାଳ ରଘୁବର ଦାସ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରୁଛନ୍ତି।



ସୁନାବେଡାରେ କୋରାପୁଟ ଜିଲ୍ଲାପାଳ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

### କୋରାପୁଟରେ କଫି ବୋର୍ଡ ପରିଦର୍ଶନ କଲେ

---

ଭୁବନେଶ୍ୱର, ସୋମବାର, ୫ ଫେବୃଆରୀ, ୨୦୨୪



## ଦେଶୀ ଖତ ବ୍ୟବହାର ଉପରେ ଗୁରୁତ୍ୱ

### କୃଷି ବିଜ୍ଞାନକେନ୍ଦ୍ର ପକ୍ଷରୁ ପ୍ରାକୃତିକ କୃଷି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୪।୨ (ଅନିଲ ବେହେରା)

ପାରମ୍ପରିକ, ସ୍ୱଦେଶୀ କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଭାରତ ସରକାର ପ୍ରାକୃତିକ କୃଷି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରାକୃତିକ କୃଷିରେ ଅଧିକ ପରିମାଣରେ ରାସାୟନିକ ସାର ଓ ଔଷଧ ବ୍ୟବହାର ନ କରି ଦେଶୀ ଗାଈ ଗୋବର, ଗୋମୂତ୍ର, ନିମପତ୍ର, ଲଙ୍କା ଓ ଦେଶୀ ଜିନିଷକୁ ବ୍ୟବହାର କରି ପ୍ରସ୍ତୁତ ହେଉଥିବା ଖତ ଓ ଔଷଧକୁ ବ୍ୟବହାର କରିବାକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲାର ସେମିଳିଗୁଡାସ୍ଥିତ କୃଷି ବିଜ୍ଞାନକେନ୍ଦ୍ର ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଗତ ୩ ଓ ୪ ତାରିଖରେ କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।



ଅଧିକାରୀମାନେ ଦେଶୀ ଖତର ବ୍ୟବହାର ସମ୍ପର୍କରେ ଚାଷୀଙ୍କୁ ବୁଝାଉଛନ୍ତି।